


**ISSN Print:** 2394-7500
**ISSN Online:** 2394-5869
**Impact Factor:** 5.2
IJAR 2020; 6(2): 235-239
www.allresearchjournal.com
Received: 21-12-2019
Accepted: 23-01-2020

**ଡଃ ସୁବଳ ଚନ୍ଦ୍ର ସାହୁ**
Lecturer in Vyakarana, Govt. Degree Sanskrit College, Baripada, Odisha, India

**Correspondence Author:**
**ଡଃ ସୁବଳ ଚନ୍ଦ୍ର ସାହୁ**
Lecturer in Vyakarana, Govt. Degree Sanskrit College, Baripada, Odisha, India

# ପ୍ରେମ ତତ୍ତ୍ୱ ହିଁ ଶାଶ୍ୱତ

**ଡଃ ସୁବଳ ଚନ୍ଦ୍ର ସାହୁ**

**ଉପକ୍ରମ-** ପ୍ରେମ ଶବ୍ଦର ଅର୍ଥ ପ୍ରଣୟ, ପ୍ରୀତି, କାନ୍ତି, ସ୍ନେହ, ପରିତୃପ୍ତି, ସ୍ପୃହା, ଅନୁରାଗ, ଶ୍ରଦ୍ଧା, ଭଲପାଇବା, ସମ୍ବେଦନଶୀଳତା, ସହାନୁଭୂତି, ପ୍ରୀଣନ, ନିମଜ୍ଜନ, ସୁଖ, ଏକାତ୍ମତା, ତନ୍ମୟତା, ଉଲ୍ଲାସ, ରସ, ଆନନ୍ଦ । ସଂସ୍କୃତରେ "ପ୍ରୀ" ଧାତୁରୁ ଇମନିଚ୍ ପ୍ରତ୍ୟୟ (suffix) ଯୋଗରେ ପ୍ରେମ ଶବ୍ଦ ନିଷ୍ପନ୍ନ । ପ୍ରେମର ଦୁଇଟି ଅବସ୍ଥା ଗୋଟିଏ ଭୌତିକ (Material) ଅର୍ଥାତ୍ ପାର୍ଥିବ, ଦୈହିକ, ସଗୁଣ, ସାକାର, ଦ୍ୱୈତ, ଆଉ ଗୋଟିଏ ଆଧ୍ୟାତ୍ମିକ (Spiritual) ଅର୍ଥାତ୍ ନିର୍ଗୁଣ, ନିରାକାର, ଦେହାତୀତ, ଅଦ୍ୱୈତ ।ସମସ୍ତ ପ୍ରେମ ଆତ୍ମାକୁ ଆଶ୍ରୟ କରିଥିବାରୁ ଏହା ଅଧ୍ୟାତ୍ମ ଅର୍ଥାତ୍ ଆତ୍ମକୈନ୍ଦ୍ରିକ । ଆଧ୍ୟାତ୍ମିକ କ୍ଷେତ୍ରରେ ଭକ୍ତି ହିଁ ପ୍ରେମ ରୂପେ ପରିଗଣିତ । ଅନୁରକ୍ତି ବା ଆସକ୍ତି ହିଁ କାମ ପଦବାଚ୍ୟ । ସ୍ୱାମୀ ନିଗମାନନ୍ଦ ପରମହଂସଦେବ କହନ୍ତି [1] - ଭକ୍ତି ଯଦି ଗୁଣ ଆବରଣରେ ଆବୃତ୍ତ ଥାଏ, ତେବେ ସେତେବେଳେ ତାର ସ୍ୱରୂପ ଉପଲବ୍ଧି ହୋଇପାରେ ନାହିଁ । କିନ୍ତୁ ଆବରଣ ଉନ୍ମୁକ୍ତ ହେଲେ ମେଘାନ୍ତରିତ ସୂର୍ଯ୍ୟଙ୍କ ପରି ସେ ସ୍ୱ ସ୍ୱରୂପରେ ପ୍ରକାଶିତ ହୋଇ ପ୍ରେମ ଆଖ୍ୟା ପ୍ରାପ୍ତ ହୋଇଥାଏ । ଏହି ପ୍ରେମ ସଚ୍ଚିଦାନନ୍ଦ ଭଗବାନଙ୍କ ର ହ୍ଲାଦିନୀ ଶକ୍ତିର ବିକାଶ ମାତ୍ର ।

**ପ୍ରେମ ର ସ୍ୱରୂପ** - ପ୍ରେମ ସକ୍ରିୟ, ଗତିଶୀଳ, ସ୍ୱାଭାବିକ, ସ୍ୱେଚ୍ଛାପ୍ରଣୋଦିତ । ଏହା ବଳ - ବୀର୍ଯ୍ୟ - ସାମର୍ଥ୍ୟ - ଦକ୍ଷତାର ପ୍ରେରଣା, ପୂର୍ଣ୍ଣତାର ଦିବ୍ୟସ୍ପନ୍ଦନ । ଏହି ପ୍ରେମ ଅନୁକୂଳ ପରିବେଶ ପରିସ୍ଥିତିର ସ୍ରଷ୍ଟା, ପ୍ରତିକୂଳ ପରିସ୍ଥିତିର ରକ୍ଷା କବଚ । ପ୍ରେମ ହିଁ ଆତ୍ମାନୁଭୂତିର ନୈବେଦ୍ୟ, ସମର୍ପଣର ନତ୍ୟ ନିରାଜନା, ପ୍ରେମ ବା ଭଲପାଇବା ସ୍ୱାର୍ଥହୀନ, ସର୍ତ୍ତହୀନ ଓ ନିଷ୍କାମ ହେଲେ ଏହା ଚିରନ୍ତନ ଉର୍ଜସ୍ୱଳ ହୋଇଥାଏ। ଏହା ସ୍ୱୟଂ ସମ୍ପୂର୍ଣ୍ଣ ଓ ଅନ୍ତଃ କରଣରେ ପରିପୂର୍ଣ୍ଣ । ବାହ୍ୟ ମଳିନତାରେ ଦର୍ପଣ ଆବୃତ୍ତ ହେଲାପରି ଏବଂ ମେଘମାଳାଦ୍ୱାରା ସୂର୍ଯ୍ୟ ଢାଙ୍କି ହେଲା ପରି ପ୍ରକୃତ ପ୍ରେମରେ ବାଧା-ବିଘ୍ନର ପ୍ରାଚୀରଗୁଡିକ ବାଲିବନ୍ଧ ଓ ପାଣି ଫୋଟକା ପରି ସାମୟିକ, କ୍ଷଣସ୍ଥାୟୀ । ସ୍ୱାମୀ ଚିନ୍ମୟାନନ୍ଦ କହନ୍ତି [2] - ଭଲପାଇବାର ମୌଳିକ ଅଂଗ ଚାରି ପ୍ରକାରର -

୧. ପ୍ରିୟ ର ହିତ ପାଇଁ ଆନ୍ତରିକତାର ସହ ବ୍ୟାକୁଳ ଭାବ।
୨. ପ୍ରିୟ ପ୍ରତି ଗଭୀର ସମ୍ବେଦନଶୀଳ ଏବଂ ସହାନୁଭୂତି ମନୋଭାବ ପ୍ରଦର୍ଶନ ।
୩. ଭଲପାଉଥିବା ବ୍ୟକ୍ତି କୁ ଶ୍ରଦ୍ଧା ଏବଂ ସମ୍ମାନ ପ୍ରଦାନ କରିବାର ଏକ ପ୍ରବଳ ପ୍ରୟାସ ।
୪. ପ୍ରିୟର ମନୋଭାବକୁ ସମ୍ପୂର୍ଣ୍ଣଭାବରେ ହୃଦୟଂଗମ କରିପାରିବାର ସାମର୍ଥ୍ୟ ।

ଦେବର୍ଷି ନାରଦ କହନ୍ତି [3] - "ସା ତ୍ୱସ୍ମିନ୍ ପରମ ପ୍ରେମରୂପା" ଅର୍ଥାତ୍ ପରମାତ୍ମା କ ଠାରେ ଆତ୍ମା ର ପରାନୁରକ୍ତି ବା ପ୍ରଗାଢ଼ପ୍ରେମ ହି ଭକ୍ତି ପଦବାଚ୍ୟ, ଯାହା ସ୍ପୃହାଶୂନ୍ୟଚେତନା ଓ ଅମୃତମୟ । ଯେଉଁ ପ୍ରେମକୁ ପ୍ରାପ୍ତ ହେଲାପରେ [4] ମନୁଷ୍ୟ ସିଦ୍ଧ - ଅମୃତ -ତୃପ୍ତ ହୋଇଥାଏ । ଏହି ପ୍ରେମକୁ ଭଲ ଭାବରେ ବୁଝିଲାପରେ [5] ମନୁଷ୍ୟ ପ୍ରିୟତମ ପ୍ରତି ଉନ୍ମତ୍ତ ହୋଇଉଠେ । ସ୍ୱୟଂ ସ୍ତବ୍ଧ ବା ଶାନ୍ତ ଏବଂ ଆତ୍ମାରାମ ହୋଇଥାଏ ଅର୍ଥାତ୍ ତାର ଚିତ୍ତବୃତ୍ତି ଆତ୍ମଭାବରେ ରମଣ କରେ । ଭାଗବତ ଅନୁସାରେ - ପ୍ରେମ ହେଉଛି ପ୍ରୀତିପୂର୍ଣ୍ଣ ସେବା ଓ ସର୍ବୋଚ୍ଚ ମାଧୁର୍ଯ୍ୟ ସମ୍ବନ୍ଧ ରେ ସ୍ୱରୂପାନୁଭୂତି ଲାଭ ନିମନ୍ତେ ପ୍ରେମ ଉଦ୍ଦିଷ୍ଟ ।

ଏହା କାମ ଗନ୍ଧ ଶୁନ୍ୟ ଚିନ୍ମୟ, ଭାଗବତ କହେ - [6] "ସୁଖଂ ଐନ୍ଦ୍ରିୟିକଂ ଦୈତ୍ୟା ଃ ଦେହ ଯୋଗେନ ଦେହିନାମ୍

ସର୍ବତ୍ର ଲଭ୍ୟତେଦୈବାତ୍ ଯଥା ଦୁଃଖମ୍ ଅଯତ୍ନତଃ" ||

ସଂସାରରେ ବିନା ଯତ୍ନରେ ଦୁଃଖଗୁଡିକ ଯେପରି ମିଳେ ଠିକ୍ ସେହିପରି ଇନ୍ଦ୍ରିୟପ୍ରୀତି ବା ଇନ୍ଦ୍ରିୟଭୋଗ୍ୟ ବସ୍ତୁ ମଧ ବିନା ଚେଷ୍ଟାରେ ମିଳିଥାଏ | ତେଣୁ ପ୍ରାରବ୍ଧ କର୍ମାନୁଯାୟୀ ପ୍ରତ୍ୟେକ ପ୍ରାଣୀ ନିମନ୍ତେ ଏହା ବିଧି ନିର୍ଦ୍ଦିଷ୍ଟ ହୋଇଅଛି |

ଏଥିପାଇଁ ପ୍ରଯତ୍ନ କରିବା ପାଇଁ ମାନବ ଯୋନି ମିଳିନାହିଁ | ଏକମାତ୍ର ପରମାର୍ଥ ଲାଭପାଇଁ ଏ ମାନବ ଜନ୍ମ ମିଳିଛି | ତେଣୁ ଯେ ବୁଦ୍ଧିମାନ ଲୋକ ସେ ଏ ଦିଗରେ ଅର୍ଥାତ୍ ଏ ପରମାର୍ଥ ଲାଭ ନିମିତ୍ତ ପ୍ରୟାସ କରେ |

ଶ୍ରୀ ଚୈତନ୍ୟଙ୍କ ମତରେ ପ୍ରେମର ଅଧିରୂଢ଼ ବା ପରିପକ୍ୱ ଅବସ୍ଥା ହିଁ ମହାଭାବ - ଏହା ଅପ୍ରାକୃତ ତତ୍ତ୍ୱ, ଯାହା ଗୁରୁକୃପା ଓ ଈଶ୍ୱରକୃପା ସାପେକ୍ଷ | ଚୈତନ୍ୟ ଚାରିତାମୃତ କହେ -"

ସାଧନ ଭକ୍ତି ହୈତେ ହୟ ପ୍ରୀତିର ଉଦୟ, ରତି ଗାଢ ହୈଲେ ହୟ ପ୍ରେମେର ଉଦୟ " ||

ଭକ୍ତି ରସାମୃତ ସିନ୍ଧୁ କହେ - [7] "ପ୍ରେମ୍ଣସ୍ତୁ ପ୍ରଥାମାବସ୍ଥା ଭାବ ଇତ୍ୟଭିଧୀୟତେ

ସାତ୍ତ୍ୱିକାଃ ସ୍ୱଳ୍ପମାତ୍ରାଃ ସ୍ୟୁରତ୍ରାଶ୍ରୁପୁଲକାଦୟଃ " ||

ଅର୍ଥାତ୍ ପ୍ରେମର ପ୍ରଥମ ଅବସ୍ଥା କୁ ଭାବ କୁହାଯାଏ | ଏଥିରେ ଅଶ୍ରୁ, ପୁଲକ ପ୍ରଭୃତି ସାକ ଭାବଗୁଡିକ ସ୍ୱଳ୍ପମାତ୍ରାରେ ପ୍ରକଟିତ ହୋଇଥାଏ | ଜନୈକ ସଦ୍ ଗୁରୁ Inner Engineering ପୁସ୍ତକରେ ପ୍ରକାଶ କରିଛନ୍ତି ଯେ [8] - ପ୍ରେମର ସମ୍ପର୍କ କୌଣସି ବ୍ୟକ୍ତି ସହ ନୁହେ, ଏହା କେବଳ ତୁମର ନିଜସ୍ୱ ବା ନିଜ ସମ୍ବନ୍ଧୀୟ | ଏହା ନିଜ ଅସ୍ତିତ୍ୱ ର ପନ୍ଥା ଏଣୁ ପ୍ରେମର ଅର୍ଥ ନିଜର ଭାବନାକୁ ମାଧୁର୍ଯ୍ୟ ମଣ୍ଡିତ କରିବା | ଯଦି ଜନୈକ ପ୍ରେମୀ ବିଦେଶ ଯାତ୍ରା କରନ୍ତି ତଥାପି ତୁମେ ତାଙ୍କ ଭଲପାଇବା ପାଇଁ ସମର୍ଥ | ଯଦି ଏହି ପ୍ରେମୀ ମୃତ୍ୟୁବରଣ କରନ୍ତି ତାଙ୍କ ମଧ ତୁମେ ଭଲପାଉଥିବ | ଯଦି ସେହି ପ୍ରିୟତମଙ୍କର ଶାରୀରିକ ଉପସ୍ଥିତି ତୁମ ସହିତ ଅଧିକ କାଳ ନଥାଏ ତଥାପି ତୁମେ ତାଙ୍କ ଭଲପାଇ ଚାଲିବ | ଏଣୁ ପ୍ରେମ କହିଲେ ଏହା ଏକ ନିଜସ୍ୱ ଗୁଣ ବିଶେଷ | ତୁମ ନିଜ ଭିତରେ ଥିବା ପ୍ରେମକୁ ଉନ୍ମୁକ୍ତ କରିବା ନିମନ୍ତେ ଅନ୍ୟକୁ କେବଳ ଏକ ମାଧ୍ୟମ ରୂପେ ବ୍ୟବହାର କରୁଛ | ପ୍ରେମ ବା ଭଲପାଇବା ସଦାସର୍ବଦା ଆତ୍ମା ର ସହଜାତ ସ୍ୱଭାବ |

**ପ୍ରେମଭକ୍ତି ଓ ଆତ୍ମରତି-** ବୃହଦାରଣ୍ୟକ ଉପନିଷଦରେ ଏହା ଅତ୍ୟନ୍ତ ସୁସ୍ପଷ୍ଟ ଯଥା [9] - "ସ ହୋବାଚ, 'ନ ବା ଅରେ ପତ୍ୟୁଃ କାମାୟ ପତିଃ ପ୍ରିୟୋ ଭବତି, ଆତ୍ମନସ୍ତୁ କାମାୟ ପତିଃ ପ୍ରିୟୋ ଭବତି | ନ ବା ଅରେ ଜାୟାୟାଃ କାମାୟ ଜାୟା ପ୍ରିୟା ଭବତି, ଆତ୍ମନସ୍ତୁ କାମାୟ ଜାୟା ପ୍ରିୟା ଭବତି | ନ ବା ଅରେ ପୁତ୍ରା କାମାୟ ପୁତ୍ରାଃ ପ୍ରିୟାଃ ଭବନ୍ତି, ଆତ୍ମନସ୍ତୁ କାମାୟ ପୁତ୍ରାଃ ପ୍ରିୟାଃ ଭବନ୍ତି" | ଅର୍ଥାତ୍ ଯାଜ୍ଞବଲ୍କ୍ୟ କହୁଛନ୍ତି- ହେ ମୈତ୍ରେୟୀ ! ସ୍ୱାମୀ ପ୍ରତି ଥିବା ଭଲପାଇବା ଯୋଗୁ ସ୍ୱାମୀ ସ୍ତ୍ରୀର ପ୍ରିୟ ହୁଏ ନାହିଁ । ନିଜର ପ୍ରୀତି ପାଇ ସ୍ୱାମୀ ସ୍ତ୍ରୀର ପ୍ରିୟ ହୁଏ । ଠିକ୍ ସେହିପରି ସ୍ତ୍ରୀ ପ୍ରତି ଥିବା ଭଲପାଇବା ଯୋଗୁ ସ୍ତ୍ରୀ ସ୍ୱାମୀ ର ପ୍ରିୟ ହୁଏ ନାହିଁ । ନିଜ ଆତ୍ମା ର ପ୍ରୀତି ପାଇ ସ୍ତ୍ରୀ ସ୍ୱାମୀ ର ପ୍ରିୟ ହୋଇଉଠେ । ଠିକ୍ ସେହିପରି ପୁତ୍ର କନ୍ୟା ମାନଙ୍କୁ ଭଲ ପାଇବା ପାଇ

ପୁତ୍ର କନ୍ୟାମାନେ ବାପା ମାଆ କର ପ୍ରିୟ ହୁଅନ୍ତି ନାହିଁ, ନିଜ ଅନ୍ତରାତ୍ମାର ପ୍ରୀତିସମ୍ପାଦନ ପାଇ ପୁତ୍ର କନ୍ୟାମାନେ ପ୍ରିୟ ହୋଇଉଠନ୍ତି । ଶିବମୁନି କହନ୍ତି [10] - ଆତ୍ମା ମେ ଆନନ୍ଦ ହୈ । ଆତ୍ମା ଆନନ୍ଦକା ଯା ସଚେ ସୁଖ କା କେନ୍ଦ୍ର ହୈ । ଆତ୍ମା ଆନନ୍ଦସ୍ୱରୂପ ହୈ, ପର୍ ୟହ ବିଷୟାନନ୍ଦ କୀ ତରହ ମିଥ୍ୟା ଔର୍ ଜଡ ନହୀ ହୈ । ବିଷୟାନନ୍ଦ ତୋ ଇନ୍ଦ୍ରିୟ ଦ୍ୱାରା ପ୍ରାପ୍ତ ହୋତା ହେ । ଜୈସେ ମିଠାଇ କା ଆନନ୍ଦ ବିଷୟାନନ୍ଦ ହୈ, ଯୋ ଜିହାସେ ପ୍ରାପ୍ତ ହୋତା ହୈ । ମିଠାଇ ଆଦି ତମାମ ସାସାରିକ ବିଷୟ ଜଡ ହୋନେସେ ମିଥ୍ୟା ହୈ । ଯୋଗୀ ଶ୍ରୀ ଅରବିନ୍ଦ ପ୍ରଣୀତ "ସାବିତ୍ରୀ" ରେ ବର୍ଣିତ [11]-

O Death ! not for my heart's sweet poignancy
Nor for my happy body's bliss alone
I have claimed from thee the living Satyavan,
But for his work and mine, our sacred charge.
Our lives are God's messengers beneath the stars,
To dwell under death' shadow they have come
Tempting God's light to earth for the ignorant race
His love to fill the hollow in man's hearts,
His bliss to heal the unhappiness of the world.
For I, the woman, am the force of God,
He the eternal's delegate soul in man.
My will is greater than thy law, O Death;
My love is stronger than the bonds of Fat:
Our love is the heavenely seal of the supreme.
I guard that seal against thy rending hands.
Love must not cease to live upon the earth;
For Love is the bright link twixt earth and heaven.

ଅର୍ଥାତ୍ - ସାବିତ୍ରୀ ମୃତ୍ୟୁଦେବ କୁ ସମ୍ବୋଧନ କରି କହିଛନ୍ତି ଯେ ହେ ମୃତ୍ୟୁଦେବ ! ମୋ ହୃଦୟର ମାଧୁର୍ଯ୍ୟ ତୀବ୍ରତା ପାଇ କିମ୍ବା ସୁଖମୟ ଶାରୀରିକ ଆନନ୍ଦ ନିମନ୍ତେ ଜୀବନ୍ତ ସତ୍ୟବାନଙ୍କୁ ମୁଁ ଆପଣଙ୍କ ଠାରୁ ଦାବି କରିନାହିଁ । ତାଙ୍କର ଏବଂ ମୋର କର୍ମ ନିମନ୍ତେ ଏହା ଆମର ପବିତ୍ର ଅଧିକାର । ନକ୍ଷତ୍ର ମାନଙ୍କ ଅନ୍ତରାଳରେ ଆମ୍ଭ ମାନଙ୍କ ଜୀବନ

ଭଗବତ୍ ଦୂତ ଅଟେ । ସେମାନେ (ସାବିତ୍ରୀ ଓ ସତ୍ୟବାନ) ଭଗବତ୍ ଜ୍ୟୋତିକୁ ପୃଥିବୀର ଅଜ୍ଞାନଗ୍ରସ୍ତ ଜାତି ପ୍ରତି ଆକର୍ଷିତ କରିବା ପାଇ ମୃତ୍ୟୁର ଛାୟା ମଧ୍ୟରେ ବସବାସ

କରିବା ନିମନ୍ତେ ଆଗମନ କରିଛନ୍ତି । କାରଣ ଈଶ୍ୱରଙ୍କ ପ୍ରେମ ହିଁ ମନୁଷ୍ୟର ହୃଦୟ ଗହର କୁ ପୂର୍ଣ କରିବା ନିମନ୍ତେ ଉଦ୍ଦିଷ୍ଟ ।

ଈଶ୍ୱରୀୟ ଆନନ୍ଦ ହିଁ ପୃଥିବୀ ର ଅଶାନ୍ତି କୁ ଅରୋଗ୍ୟ ବା ଦୂର କରେ । ମୁଁ (ସାବିତ୍ରୀ) ନାରୀ ଭାବରେ ଭଗବାନଙ୍କର

ଶକ୍ତି ଅଟେ । ସେହି ହିଁ ଶାଶ୍ୱତ ଙ୍କ ପ୍ରତିନିଧି ଆତ୍ମା ଅଟେ ।ଏଣୁ ହେ ମୃତ୍ୟୁଦେବ ! ମୋ ଇଛାଶକ୍ତି ତୁମ ନିୟମ ଅପେକ୍ଷା ମହାନ ଅଟେ ।ମୋ ପ୍ରେମ ଭାଗ୍ୟର ବନ୍ଧନ ବା ସଂଯୋଗ ଅପେକ୍ଷା ଶକ୍ତିଶାଳୀ ଅଟେ । ଆମ୍ଭ ମାନଙ୍କ ପ୍ରେମ ପରମେଶ୍ୱରଙ୍କ ମୋହର ବା ଛାପ ଅଟେ । ମୁଁ ଆପଣଙ୍କ ଛିନ୍ନକାରୀ ହସ୍ତରୁ ସେହି ମୋହରକୁ ରକ୍ଷା କରେ । ପ୍ରେମ ପୃଥିବୀରେ ବଂଚିବାରୁ ବଂଚିତ କରେନାହିଁ, ଯେହେତୁ ପ୍ରେମ ଉଜ୍ଜ୍ୱଳ ସଂଯୋଗକାରୀ ଭାବରେ ପୃଥିବୀ ଓ ସ୍ୱର୍ଗ କୁ ଯୋଡିଥାଏ ।

**ପ୍ରେମ ଦେହାତୀତ ଓ ଶାଶ୍ୱତ-** ଶ୍ରୀ ଚିନ୍ମୟାନନ୍ଦ କହନ୍ତି [12] - ପୂର୍ଣ୍ଣ ପ୍ରାଣରେ ଶ୍ରଦ୍ଧାଯୁକ୍ତ ହୋଇ ଯାହା ପାଇ କାମ କରୁ, ତାକୁ ହି ଆମେ ପ୍ରକୃତରେ ଭଲ ପାଉ । ଏହି କାରଣରୁ ଆମେ ଯାହାକୁ ଭଲପାଉ, ତାର ସେବା ଯତ୍ନ କରିବା ପାଇ ପ୍ରସ୍ତୁତ ରହିବା ଦରକାର । ମୁହଁ ରେ କେବଳ 'ମୁଁ ଭଲ ପାଏ 'କହିଲେ ଯଥେଷ୍ଟ ହେବନାହିଁ । ପ୍ରକୃତରେ ମୁହଁ ରେ କହିବା ଶୋଭନୀୟ ନୁହେଁ । ଆମର ଭଲ ପାଇବା ଆମର କ୍ରିୟା ମାଧ୍ୟମରେ ପ୍ରକଟ ହେବା ଉଚିତ । ଯାହାକୁ ଆମେ ଭଲପାଉ, ତା ପ୍ରତି ଆମର ସର୍ବଦା ଏକ ଗଭୀର ସମ୍ବେଦନଶୀଳ ହୃଦୟ ରହିବା ବିଧେୟ ।

**ଆଧାତ୍ମିକ ପ୍ରେମତତ୍ତ୍ୱ ସମ୍ବନ୍ଧରେ ସ୍ୱାମୀ ନିଗମାନନ୍ଦ ପରମହଂସଦେବଂକ ନିମ୍ନପ୍ରଦତ୍ତ କେତେକ ବାଣୀ ପ୍ରଣିଧାନ ଯୋଗ୍ୟ** [13]

କ-ଭଜନ କ୍ରିୟା ଦ୍ୱାରା ଭକ୍ତ ଅଚିରେ ଅନର୍ଥ କବଳରୁ ନିଷ୍କୃତି ଲାଭକରି କ୍ରମେ ପ୍ରେମ ଭକ୍ତି ର ଅଧିକାରୀ ହୋଇଥାନ୍ତି ।

ଖ-ପ୍ରେମଭକ୍ତି ଗଗନ ମଣ୍ଡଳସ୍ଥ ସୂର୍ଯ ସଦୃଶ ସ୍ୱ-ପ୍ରକାଶ ।

ଗ-ମମତାସମ୍ପନ୍ନ ଭାବ ଗାଢତା ପ୍ରାପ୍ତ ହେଲେ ପଣ୍ଡିତ ମାନେ ତାକୁ ପ୍ରେମ ବୋଲି କହିଥାଆନ୍ତି ।

ଘ-ସମସ୍ତପ୍ରକାର ଭାବ ସହିତ, ସବୁପ୍ରକାର ବୃତ୍ତି ସହିତ, ସବୁପ୍ରକାର ବାସନା ସହିତ, ସବୁପ୍ରକାର ଜ୍ଞାନ ସହିତ ଈଶ୍ୱରଙ୍କ ଠାରେ ଅନୁରକ୍ତି ହିଁ ପ୍ରେମଭକ୍ତି ।

ଙ-ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ଏହି ପଂଚ ଭାବ ମଧ୍ୟରୁ ମଧୁର ଭାବ ଶ୍ରେଷ୍ଠ । ଏହା କାନ୍ତ କାନ୍ତା ଭାବ । ଏହି ମଧୁରଭାବରେ ପ୍ରେମିକପ୍ରେମିକା ମାନଂକର ଏକାତ୍ମତା ସମ୍ପାଦିତ ହୋଇଥାଏ । ସୁତରାମ୍ ସ୍ୱତଃ ଉଭୟଂକର ସମାଧି ଅବସ୍ଥା ଲାଭ ହୁଏ ।

ଚ-ପ୍ରେମ ସଂଚାର ହେଲେ ମନୁଷ୍ୟର ସମସ୍ତ ପ୍ରକୃତି ପରିବର୍ତ୍ତିତ ହୋଇଯାଏ । ଏହି ମଧୁରଭାବରେ ସତୀନାରୀ ଆତ୍ମହରା ହୁଏ ।

ସ୍ୱାମୀ ଯେଉଁ ସୁଖୀ,ସ୍ତ୍ରୀ ସର୍ବାନ୍ତଃକରଣରେ ତାହା ହିଁ କରିଥାଏ । ଆତ୍ମେନ୍ଦ୍ରିୟ ତୃପ୍ତି ନିମିତ୍ତ ଯେଉଁ କାର୍ଯ କରାଯାଏ, ତାହା କାମ କୁହାଯାଏ ଏବଂ ଈଶ୍ୱର ପ୍ରୀତି ନିମନ୍ତେ ଯାହା କରାଯାଏ, ତାହା ପ୍ରେମ କୁହାଯାଏ ।

ଛ- ଗୋପିକାନିଷ୍ଠ ମଧୁରଭାବ କ୍ରମେ ପ୍ରେମବିଳାସ-ବିବର୍ତ୍ତ ରେ ପୁଷ୍ଟ ହୋଇ, ମହାଭାବରେ ପର୍ଯାବସିତ ହୋଇ "ପ୍ରେମ ଭକ୍ତି"

ଆଖ୍ୟା ପ୍ରାପ୍ତ ହୁଏ ।

ପ୍ରେମ ଏକ ନିଃସର୍ଗ ବା ସ୍ୱାଭାବିକ ବିଷୟ । ପ୍ରକୃତ ପ୍ରେମ ରେ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ବା ସ୍ୱୀକୃତି ଏହାର ମାପକାଠି ନୁହେଁ । ପିତା, ମାତା, ଭାଇ, ଭଉଣୀ, ସ୍ତ୍ରୀ, ପୁତ୍ର ଇତ୍ୟାଦି ପ୍ରତିଟି ସମ୍ବନ୍ଧରେ ପ୍ରେମ ବା ଭଲପାଇବା ରହିଛି, କିନ୍ତୁ ପ୍ରେମରେ କୌଣସି ସମ୍ବନ୍ଧ ନାହିଁ । ଏହି ପରିପ୍ରେକ୍ଷ ରେ ଶ୍ରୀ ଶ୍ରୀ ରବିଶଂକର କହନ୍ତି [14] ଯେ - Let love be. Don't give love a name. When you give love a name, it becomes relationship and relationship restricts love. ଅର୍ଥାତ୍ ପ୍ରେମ ସ୍ୱତଃସ୍ଫୁର୍ତ ବା ସ୍ୱାଭାବିକ ହେଉ, ମାତ୍ରା ଏହାର ନାମକରଣ କରନା । ନାମକରଣ କଲେ ଏହା ସମ୍ବନ୍ଧରେ ପରିଣତ ହେବ ଏବଂ ଏହି ସମ୍ବନ୍ଧ କଟକଣା ବା ସୀମିତ ଗଂଡୀ ମଧ୍ୟରେ ଆବଦ୍ଧ କରିଥାଏ । ପ୍ରେମ (Love)ଓ କାମ (Lust) ବିଷୟରେ ସେ କହନ୍ତି -ପ୍ରେମରେ ଗୋଟିଏ ବସ୍ତୁ ମଧ ଜୀବନ ପ୍ରାପ୍ତ ହୋଇଥାଏ । ସୂର୍ଯ, ଚନ୍ଦ୍ର, ବୃକ୍ଷ, ପଥର ଏପରିକି ସମଗ୍ର ସୃଷ୍ଟି ମଧ ପ୍ରେମରେ ଜୀବନ୍ତ ଓ ଦିବ୍ୟ ହୋଇଉଠେ । ତାଂଙ୍କ ଭାବନାରେ-

Lust brings tension; Love brings relaxation.
Lust focuses on the part; Love focuses on the whole.
Lust brings violence: Love brings sacrifice.
Lust demands; Love commands.*******
Love is strength. Love is greatest power on earth.***
True love is non-possessive and brings freedom,
And renunciation is nothing but freedom.
Only in freedom can love fully blossom.

କାମ ବା ଇନ୍ଦ୍ରିୟବିଳାସ ଉତ୍ତେଜନା ଆଣିଥାଏ, ପ୍ରେମ ବିଶ୍ରାନ୍ତି ବା ଆରାମ ଦେଇଥାଏ

କାମ ହିସା ଆଣେ, ପ୍ରେମ ତ୍ୟାଗ ଆଣିଥାଏ । କାମବାସନା ଦାବି କରେ, ପ୍ରେମ ହୁକୁମ କରେ ।

ପ୍ରେମ ହିଁ ବଳ, ପ୍ରେମ ହିଁ ପୃଥିବୀରେ ମହାନ ଶକ୍ତିଶାଳୀ । ପ୍ରକୃତ ପ୍ରେମ ଅଧିକାର ଜାହିର କରେନା,

ବରଂ ସ୍ୱାଧୀନତା ଆଣିଥାଏ ।ଏହି ସ୍ୱାଧୀନତା ହିଁ ମୋକ୍ଷ ପ୍ରଦାନ କରେ,ଏହି ସ୍ୱାଧୀନତାରେ ହିଁ ପ୍ରେମ ବିକଶିତ ହୋଇଥାଏ ।

ଉଇଲିୟମ୍ ସେକସ୍ପିଅର୍ କହନ୍ତି [15]-

Love's not Time's fool, though rosy lips and cheeks

Within his bending sickle's compass come;
Love alters not with his brief hours and weeks,
But bears it out even to the edge of doom.

ଅର୍ଥାତ୍ ପ୍ରେମ ସମୟର କ୍ରୀଡନକ ନୁହେଁ, ଏହା ଆଧ୍ୟାତ୍ମିକ । ଯଦିଓ ବିନାଶଶୀଳ ସମୟର ପ୍ରଭାବରେ ପାର୍ଥିବ ଗୋଲାପି ଅଧର ଓ ଗଣ୍ଡଦେଶ ଅବକ୍ଷୟ ହୁଏ, ତଥାପି କାଳଚକ୍ର ବଳୟ ମଧ୍ୟରେ ପ୍ରେମ ସଦା ସର୍ବଦା ଅପରିବର୍ତ୍ତନୀୟ । ପ୍ରକୃତ ପ୍ରେମ ଶାଶ୍ୱତ ଓ ଚିରନ୍ତନ | ମିଥ୍ୟାପୂର୍ଣ୍ଣ ପ୍ରେମ କ୍ଷଣସ୍ଥାୟୀ | ପୃଥିବୀ ର ଅନ୍ତକାଳ ପର୍ଯନ୍ତ ପ୍ରକୃତ ପ୍ରେମ ଚିରନ୍ତନ ହେତୁ ଜୀବିତ ରହେ |

ଆଧାତ୍ମିକ ପ୍ରେମ ପରମ ବ୍ୟାକୁଳତା ର ପରିଚାୟକ, ଯାହା ଭକ୍ତି ର ଆଧାର ଅଟେ |ଦେବର୍ଷୀ ନାରଦ କହନ୍ତି [16] - "ଅନିର୍ବଚନୀୟଂ ପ୍ରେମ ସ୍ୱରୂପମ୍" ଅର୍ଥାତ୍ ପ୍ରେମ ର ସ୍ୱରୂପ ଅବର୍ଣ୍ଣନୀୟ (Inexpressible), ଏହା ଭାଷାମାଧ୍ୟମରେ ପ୍ରକାଶ ଯୋଗ୍ୟ ନୁହେଁ | "ମୂକାସ୍ୱାଦନବତ୍" ଅର୍ଥାତ୍ ପ୍ରେମ ତତ୍ତ୍ୱକୁ କେବଳ ମୂକପରି ଆସ୍ୱାଦନ କରାଯାଏ | "ପ୍ରକାଶତେ କ୍ୱାପି ପାତ୍ରେ" - କେବଳ ସମଧର୍ମୀ ସହୃଦୟ ବ୍ୟକ୍ତି ନିକଟରେ ଏହା କ୍ୱଚିତ୍ ପ୍ରକାଶିତ ହୋଇଥାଏ |" ଗୁଣରହିତଂ କାମନାରହିତଂ ପ୍ରତିକ୍ଷଣବର୍ଧମାନମବିଚ୍ଛିନ୍ନଂ ସୂକ୍ଷ୍ମତରମନୁଭବରୂପମ୍ | ଅର୍ଥାତ୍ ଏହି ପ୍ରେମ ସର୍ବଦା ସତ୍ତ୍ୱ,ରଜ,ତମଃ-ଏହି ତ୍ରିଗୁଣ ବର୍ଜିତ, କାମନା-ବାସନା ରହିତ (Free from desires), ପ୍ରତିମୁହୂର୍ତ୍ତରେ ଏହା ବର୍ଦ୍ଧନଶୀଳ (Growing intense every moment), ଏହା କଦାପି ଛିନ୍ନ ହୋଇପାରେନା (Incessant), ଅତ୍ୟନ୍ତ ସୂକ୍ଷ୍ମ (Most subtle) ଏବଂ ଅନୁଭବର ବିଷୟ (Fathomable by intuition) ଅଟେ | ଏପ୍ରକାର ଶୁଦ୍ଧ ପ୍ରେମ ହିଁ ବିଶୁଦ୍ଧ ଭକ୍ତି ଅଟେ । ଗର୍ଗମୁନି କହନ୍ତି" - ଭଗବତ୍ କଥା ଗାଥା ରେ ଅନୁରାଗ ସୃଷ୍ଟି ହେବା ହିଁ ଭକ୍ତି" | ଶାଣ୍ଡିଲ୍ୟ ମୁନିଂକ ମତରେ- - "ଆତ୍ମରତ୍ୟବିରୋଧେନେତି ଶାଣ୍ଡିଲ୍ୟଃ" ଆତ୍ମ ସ୍ୱରୂପରେ ଅବସ୍ଥାନ ନିମିତ୍ତ ଯାହା ବାଧକ ନୁହେଁ,ତାହା ହିଁ ଭକ୍ତି |

ଶ୍ରୀ ରଜନୀଶ କହନ୍ତି [17] - Love and lust are mingled in one, life and death are mingled in one. It depends upon you what you are going to choose of it. Choose love, bring love out of lust. Let your life be a life of alertness, so whatsoever you do is done in such awareness that only that which is valuable is choosen and valuless is left. ଅର୍ଥାତ୍- ଜୀବନ ଓ ମୃତ୍ୟୁ ପରି ପ୍ରେମ ଓ କାମ ଲାଳସା ଏକତ୍ର ମିଶ୍ରିତ ହୋଇ ରହିଛି । ତୁମେ ଏଥି ମଧ୍ୟରୁ କଣ ବାଛିନେବ,ତାହା ତୁମ ଉପରେ ନିର୍ଭର କରେ । ତୁମେ କେବଳ ପ୍ରେମ କୁ ହିଁ ଚୟନ କର । କାମ ପ୍ରବୃତ୍ତି ରୁ ପ୍ରେମ କୁ ବାଛିନିଅ । ତୁମ ଜୀବନ ଏକ ଜାଗରଣ ର ଜୀବନ ହୋଇଉଠୁ । ତୁମେ ଯାହା କିଛି କରୁଛ, ତାହା ସଚେତନତା ରେ ସମ୍ପାଦିତ ହେଉ, ଫଳରେ ଯାହା ମୂଲ୍ୟବାନ କେବଳ ତାହା ହିଁ ତୁମେ ଗ୍ରହଣ କରୁଛ ଏବଂ ମୂଲ୍ୟହୀନ କୁ ତ୍ୟାଗ କରୁଛ । ଭାଗବତ କହେ - [18] "ମୟି ତାଃ ପ୍ରେୟସାଂ ପ୍ରେଷ୍ଠେ ଦୂରସ୍ଥେ ଗୋକୁଳସ୍ତ୍ରୀୟଃ | ସ୍ମରନ୍ତ୍ୟୋSଗମୁହ୍ୟନ୍ତି ବିରହୌକ୍ଣ୍ଠବିହ୍ୱଳାଃ" || ଅର୍ଥାତ୍- ଶ୍ରୀକୃଷ୍ଣ କହୁଛନ୍ତି ହେ ଉଦ୍ଧବ !

ଗୋପୀମାନେ ସବୁପ୍ରିୟ ବସ୍ତୁ -ବ୍ୟକ୍ତି ମଧ୍ୟରେ ମୋତେ ହିଁ ପ୍ରିୟତମ ବୋଲି ଚିନ୍ତାକରି ସେମାନଙ୍କ ମନକୁ ମୋତେ ସମର୍ପଣ କରିଛନ୍ତି | ମୁଁ ହିଁ ସେମାନଙ୍କ ପ୍ରାଣ ଅଟେ |

**ଉପସଂହାର-** ଗୀତା କହେ [19] - "ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋSର୍ଜୁନ | ଜ୍ଞାତୁଂ ଦ୍ରଷ୍ଟୁ ଚ ତତ୍ତ୍ୱେନ ପ୍ରବେଷ୍ଟୁ ଚ ପରଂତପ " || ଭଗବତ୍ତତ୍ତ୍ୱ ଜାଣିବା, ଦର୍ଶନ ବା ଉପଲବ୍ଧି କରିବା ଏବଂ ଆତ୍ମସ୍ଥ କରିବା କେବଳ ପ୍ରେମ ଭକ୍ତି ସାପେକ୍ଷ ।

ତୈତ୍ତିରୀୟୋପନିଷଦ ରେ [20] -"ରସୋ ବୈ ସଃ" ଅର୍ଥାତ୍ଏହି ପ୍ରେମ କୁ ରସ ବୋଲି କୁହାଯାଇଛି । ଏହି ରସ ହିଁ ପରମାତ୍ମା । ବୃହଦାରଣ୍ୟକୋପନିଷଦରେ ଏହି ପ୍ରେମ ହିଁ ଅନନ୍ଦରୂପେ ବର୍ଣ୍ଣିତ, ଯଥା- [21] - "ବିଜ୍ଞାନମାନନ୍ଦମ୍ ବ୍ରହ୍ମ"- ବ୍ରହ୍ମ ହିଁ ବିଜ୍ଞାନମୟ (Consciousness) ଏବଂ ଆନନ୍ଦମୟ (Bliss) ଅଟନ୍ତି । ତୈତ୍ତିରୀୟୋପନିଷଦ [22] ରେ ପରିଲକ୍ଷିତ ହୁଏ ଯେ- ପିତା ବରୁଣ ପୁତ୍ର ଭୃଗୁ କୁ ଉପଦେଶ ଦେଉଛନ୍ତି- ଆନନ୍ଦୋ ବ୍ରହ୍ମେତି ବ୍ୟଜାନତ୍------------ଅଭିସମ୍ବିଶନ୍ତି ଇତି । ଅର୍ଥାତ୍ -ପ୍ରେମ ବା ଆନନ୍ଦ ହିଁ ବ୍ରହ୍ମ,ଏହି ଆନନ୍ଦରୁ ପ୍ରାଣୀମାନେ ସୃଷ୍ଟି ହୋଇଛନ୍ତି । ଆନନ୍ଦଦ୍ୱାରା ବଂଚିରହିଛନ୍ତି । ଶେଷରେ ଏହି ଆନନ୍ଦରେ ହିଁ ବିଲୀନ ହେବେ ।

ଠାକୁର ନିଗମାନନ୍ଦ ପରମ ହଂସଦେବ କହନ୍ତି [23] -ତୁମ୍ଭେମାନେ ଏକତ୍ରିତ ହୋଇ ପ୍ରେମର ସଂସାର ସ୍ଥାପନ କର । ମୋତେ ମୂଳରେ ପ୍ରତିଷ୍ଠା କରି ମୋହରି ସଂସାରରେ କାର୍ଯ୍ୟକର । ଯେପରି ମନେଥାଏ ପ୍ରତ୍ୟେକ କାର୍ଯ୍ୟ ଠାକୁରଙ୍କ ପାଇ ଅନୁଷ୍ଠିତ ହେଉଅଛି । ପ୍ରତ୍ୟେକ ପ୍ରାଣୀ ଜୀବଚୈତନ୍ୟ, ଗୁରୁପରମାତ୍ମା ବ୍ରହ୍ମଚୈତନ୍ୟ । ବେଦାନ୍ତସାର କହେ [24] -"ଜୀବବ୍ରହ୍ମୈକ୍ୟମ୍ ଶୁଦ୍ଧ ଚୈତନ୍ୟଂ -----ବେଦାନ୍ତାନାମ୍ ତାତ୍ପର୍ଯ୍ୟମ୍" ଅର୍ଥାତ୍ ଜୀବ- ବ୍ରହ୍ମ ମଧ୍ୟରେ ଏକତ୍ତ୍ୱ ପ୍ରତିଷ୍ଠା ହିଁ ଅଦ୍ୱୈତବାଦ ର ମୌଳିକରହସ୍ୟ ।

ପ୍ରେମ ଆତ୍ମାନନ୍ଦସ୍ୱରୂପ ହେତୁ ଆତ୍ମାନୁଭୂତି ର ସହଚର ଅଟେ । ଏହା ଏକ ଅବିନାଶୀ, ଅକ୍ଷୟ, ଅମୃତମୟ । ଏଣୁ ରସରାସେଶ୍ୱର ଗୁରୁବ୍ରହ୍ମ ପରାତ୍ପର କୁ ପ୍ରାପ୍ତ ହେଲେ ହିଁ ଏହି ରସାତ୍ମକ ପ୍ରେମପୀୟୁଷ ଆସ୍ୱାଦନ ଓ ସ୍ୱରୂପପ୍ରତିଷ୍ଠା ଲାଭକରି ମନୁଷ୍ୟ ହୋଇଉଠେ ପୂର୍ଣ୍ଣତମ ଓ ଆପ୍ତକାମ ।

**ପାଦଟୀକା ଓ ଟୀପ୍ପଣୀ**

1. ପ୍ରେମିକଗୁରୁ - ନିଗମାନନ୍ଦ, ପୃଷ୍ଠା-୧୦୯
2. ଭଲ ପାଅ - ସ୍ୱାମୀ ଚିନ୍ମୟାନନ୍ଦ, ପୃଷ୍ଠା - ୪୭
3. ନାରଦଭକ୍ତିସୂତ୍ର-୨
4. ଯତ୍ ଲବ୍ଧ୍ୱା ପୁମାନ୍ ସିଦ୍ଧୋ ଭବତି, ଅମୃତଃ ଭବତି, ତୃପ୍ତୋ ଭବତି - ନା-ଭ-ସୂ- ୪
5. ଯତ୍ ଜ୍ଞାତ୍ୱା ମତ୍ତୋ ଭବତି ସ୍ତବ୍ଧୋ ଭବତି ଆତ୍ମାରାମୋ ଭବତି - ନା-ଭ-ସୂ- ୬
6. ନିତ୍ୟଧର୍ମ ଓ ସଂସାର-ଶ୍ରୀମଦ୍ ଗୌରଗୋବିନ୍ଦ ସ୍ୱାମୀ, ପୃଷ୍ଠା- ୮
7. ଭକ୍ତିରସାମୃତସିନ୍ଧୁ - ଶ୍ରୀ ଶ୍ରୀ ରୂପଗୋସ୍ୱାମୀ - ପୂର୍ବ ବିଭାଗ-ପୃଷ୍ଠା-୧୧୪

8. Love has nothing to do with someone else. It is all about you. It is a way of being. It essentially means you have brought sweetness into your emotion. If a loved one travels to another country, would you still be able to love them? You would. If a loved one passed away, would you still be able to love them? You would. Even if a loved one is not physically with you any more, you are still capable of being loving. So, What is love then? It is just your own quality. You are only using the other person as a key to open up what is already within you. Inner Engineeing - By Sadhguru, page - 65
9. ବୃହଦାରଣ୍ୟକୋପନିଷଦ୍- ୪/୫ ।
10. ଯୋଗବିଜ୍ଞାନ-ଶିବମୁନି ।
11. SAVITRI-Canto-III-Sri Aurobindo.
12. ଭଲ ପାଅ-ସ୍ୱାମୀ ଚିନ୍ମୟାନନ୍ଦ ।
13. ପ୍ରେମିକଗୁରୁ - ସ୍ୱାମୀ ନିଗମାନନ୍ଦ
14. Sincere Seeker-Sri Sri Ravishankar.
15. Sonnet.116-William Shakespeare.
16. ନାରଦଭକ୍ତିସୂତ୍ର-୫୧, ୫୨, ୫୩, ୫୪- ।
17. The Beloved (Volume-II)-Sri Rajneesh, Page-179.
18. ଭାଗବତ-୧୦-୪୬-୫ ।
19. ଗୀତା-୧୧-୫୪ (ଗୀତା -୧୧-୫୪)
20. ତୈତ୍ତିରୀୟୋପନିଷଦ -ବ୍ରହ୍ମ-ବଲ୍ଲୀ-୭
21. ବୃହଦାରଣ୍ୟକୋପନିଷଦ-୩/୯/୨୮ ।
22. ତୈତ୍ତିରୀୟୋପନିଷଦ-ଭୃଗୁ-ବଲ୍ଲୀ-୬
23. ଅଭୟବାଣୀ-ପ୍ରଥମଖଣ୍ଡ-୮ ।
24. ବେଦାନ୍ତସାର-୨୭